# ବୈଜ୍ଞାନିକ ପଦ୍ଧତିରେ

# କୋଳଥ ଚାଷ

## (Scientific Cultivation of Horse gram)



କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

# ବୈଜ୍ଞାନିକ ପଦ୍ଧତିରେ
# କୋଳଥ ଚାଷ
## (Scientific Cultivation of Horse gram)


ଆଲେଖ୍ୟ

**ଶ୍ରୀ ସୁଜିତ୍ କୁମାର ମୁଖି**

ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

ସଂପାଦନା

**ଡଃ. ଦେବାଶିଷ ମିଶ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

ସଂପ୍ରସାରଣ ପୁସ୍ତିକା-୨୦୨୦-୨୧
ବୈଜ୍ଞାନିକ ପଦ୍ଧତିରେ କୋଳଥ ଚାଷ

*ଆଲେଖ୍ୟ*

ଶ୍ରୀ ସୁଜିତ୍ କୁମାର ମୁଖି
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

*ସଂପାଦନା*

ଡଃ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

*ପ୍ରକାଶକ :*
କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ
ଓଡ଼ିଶା

*ମୁଦ୍ରଣ :*
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**
**Shri Sujit Kumar Mukhi**
Scientist (Soil Science)

**Editor :**
**Dr. Debasish Mishra**
Sr. Scientist and Head
KVK, Kandhamal

**Published by :**
Krishi Vigyan Kendra, Kandhamal
kvkKandhamal.ouat@gmail.com

**Printed by :**
Ankita Graphics, Bhubaneswar.
saroj77337@gmail.com
Ph : 9437077337

# ବୈଜ୍ଞାନିକ ପଦ୍ଧତିରେ କୋଳଥ ଚାଷ

କୋଳଥ (Horse gram-*Macrotyloma uniflorum*) ଏକ ଡାଲିଜାତୀୟ ଫସଲ ଏବଂ ଏହା ପ୍ରାୟତଃ ଦକ୍ଷିଣ ଭାରତୀୟ ଲୋକମାନେ ଖାଇବାକୁ ପସନ୍ଦ କରିଥାନ୍ତି। ଏହି ଫସଲ ଦକ୍ଷିଣ ଭାରତ ବ୍ୟତୀତ ଦେଶର ଅନ୍ୟାନ୍ୟ ରାଜ୍ୟରେ ଅଳ୍ପେବହୁତେ ଚାଷ କରାଯାଇଥାଏ। ସାରା ଦେଶରେ କୋଳଥ ଫସଲ ପ୍ରାୟ ୧୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଉଥିବା ବେଳେ ଏଥିରୁ ପ୍ରାୟ ୭.୪ ଲକ୍ଷ ଟନ୍ ଡାଲି ଉତ୍ପାଦିତ ହୋଇଥାଏ। କୋଳଥ ଚାଷରେ କର୍ଣ୍ଣାଟକ ରାଜ୍ୟ ଉଭୟ କ୍ଷେତ୍ରଫଳ ଓ ଉତ୍ପାଦନରେ ସର୍ବାଗ୍ରେ ଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଅଛି। ଆମ ରାଜ୍ୟ ଓଡ଼ିଶାରେ ଏହି ଫସଲ ୨,୦୫,୨୫୦ ହେକ୍ଟର ଜମିରେ ଚାଷ ହୋଇ ୯୧,୯୫୦ ଟନ୍ ଉତ୍ପାଦନ ହୋଇଥାଏ। କନ୍ଧମାଳ ଜିଲ୍ଲା କୋଳଥ ଚାଷରେ ଓଡ଼ିଶାର ଏକ ଆଗୁଆ ଜିଲ୍ଲାରୂପେ ପରିଗଣିତ, ଯେଉଁଠାରେ ଏହି ଫସଲ ପ୍ରାୟ ୧୨,୬୫୦ ହେକ୍ଟର ଜମିରେ ରବି ଋତୁରେ ଚାଷ କରାଯାଇଥାଏ। କିନ୍ତୁ କନ୍ଧମାଳ ଜିଲ୍ଲାରେ ଚାଷୀମାନେ କୋଳଥ ଚାଷକୁ ନିଜର ପାରମ୍ପାରିକ ପଦ୍ଧତିରେ କରୁଥିବାରୁ ଏହାର ଉତ୍ପାଦକତା ହେକ୍ଟର ପ୍ରତି ମାତ୍ର ୪୦୦ କିଗ୍ରାରୁ କମ୍ ହୋଇଥାଏ। ଯାହାକି ଜାତୀୟ ଉତ୍ପାଦକତା ହାର ଠାରୁ ବହୁତ୍ କମ୍। ବୈଜ୍ଞାନିକ ଅନୁଶୀଳନରୁ ଏହା ଜଣାଯାଇଛି ଯେ, କୋଳଥ ଫସଲରେ ହେଉଥିବା କମ୍ ଉତ୍ପାଦକତା ପାଇଁ କିଛି କାରଣ ରହିଛି, ଯାହା ପାଠକଙ୍କ ଗୋଚରାର୍ଥେ ନିମ୍ନରେ ପ୍ରଦତ୍ତ କରାଗଲା।

୧. କୌଣସି ଅଧିକ ଅମଳକ୍ଷମ କିସମର ବିହନ ଚାଷୀମାନେ ପାଇପାରୁନାହାଁନ୍ତି।

୨. ଚାଷୀମାନେ ଏହି ଫସଲର ବୈଜ୍ଞାନିକ ଚାଷପ୍ରଣାଳୀ ବିଷୟରେ ଜାଣିପାରୁନାହାଁନ୍ତି।

୩. ସଠିକ୍ ସମୟରେ ଖାଦ୍ୟ, ଜଳ, ଘାସ, ରୋଗ ଏବଂ କୀଟ ପରିଚାଳନା କରାଯାଉନାହିଁ।

୪. ଅମଳ ପରବର୍ତ୍ତୀ ସମୟରେ ସଠିକ୍ ଉପାୟରେ ଭଣ୍ଡାରୀକରଣ କରାଯାଉନାହିଁ।

ଏହି କୋଳଥ ଡାଲିରେ ଭରପୁର ମାତ୍ରାରେ ପୁଷ୍ଟିସାର ଥିବା ସହ ଏହାର ନିୟମିତ ସେବନ ଦ୍ୱାରା ଶ୍ୱାସ, କଫ, ବୃକକ ପଥର, ପାକସ୍ଥଳୀରେ ଘାଁ ଏବଂ ମାସିକ ଋତୁସ୍ରାବରେ ଅନିୟମିତତା ଆଦି ବିଭିନ୍ନ ରୋଗ ଦୂରୀଭୂତ ହୋଇଥାଏ। ଏହାର ଉପାଦେୟତାକୁ ବର୍ତ୍ତମାନର ସମାଜ ଉପଲବ୍ଧି କରିଛି, ଫଳରେ ଏହାର ବଜାର ଚାହିଦା ଆଶାତୀତଭାବେ ବୃଦ୍ଧି ପାଇଛି। ତେବେ ଚାଷୀଭାଇମାନେ ଏହି ଫସଲରୁ ଅଧିକ ଅମଳ ପାଇବାକୁ ହେଲେ, କିଛି ବୈଷୟିକ ତତ୍ତ୍ୱ ସମ୍ବନ୍ଧରେ ଜାଣିବା ଏବଂ କିଛି ବୈଜ୍ଞାନିକ ପ୍ରଣାଳୀକୁ ଆପଣେଇବା ଆବଶ୍ୟକ। ତେବେ ଆସନ୍ତୁ ଏହି କୋଳଥ ଡାଲି ଚାଷ ସମ୍ବନ୍ଧରେ କିଛି ଆଲୋଚନା କରିବା।

## ମୃତ୍ତିକା ଓ ଜଳବାୟୁ

କୋଳଥ ଏକ ମରୁଡ଼ି ସହନଶୀଳ ଫସଲ ହୋଇଥିବାରୁ ଅଳ୍ପ ବର୍ଷା ହେଉଥିବା ସ୍ଥାନରେ ଅତି ସହଜରେ ଚାଷ କରାଯାଇ ପାରିବ। ଶୁଷ୍କ ଏବଂ ଉଷ୍ଣ ଜଳବାୟୁ ଥିବା ସ୍ଥାନଗୁଡ଼ିକରେ ବର୍ଷାପୁଷ୍ଟ ଜମିରେ ସାଧାରଣତଃ ରବି ଋତୁରେ କୋଳଥ ଚାଷ କରାଯାଇଥାଏ। ନିକୃଷ୍ଟ ମୃତ୍ତିକାରେ ମଧ୍ୟ ଏହି ଫସଲକୁ ଚାଷ କରିହେବ। ଯେ କୌଣସି ଚାଷୋପଯୋଗୀ ମାଟିରେ ଏହି ଫସଲକୁ ଚାଷ କରାଯାଉଥିଲେ ହେଁ ବାଲିଆ ଦୋରସା ଓ ନିଗିଡ଼ା ମାଟି ହିଁ ଏହି ଫସଲ ପାଇଁ ସର୍ବୋତ୍କୃଷ୍ଟ ଅଟେ। କିନ୍ତୁ କ୍ଷାରଯୁକ୍ତ ମାଟି ଏହି ଫସଲ ପାଇଁ ଉପଯୁକ୍ତ ନୁହେଁ। ସେଥିପାଇଁ ଏହି ଫସଲକୁ କନ୍ଧମାଳର ଘାଟିତଳେ ଥିବା ଚକାପାଦ ଓ ଖଜୁରୀପଡ଼ା ବ୍ଲକ୍‌ର କିଛି ଅଞ୍ଚଳରେ ଚାଷ କରାଯାଇଥାଏ।

## କିସମ

ଓଡ଼ିଶାରେ ସାଧାରଣତଃ ଚାଷୀମାନେ ନିଜର ଦେଶୀ କିସମଗୁଡ଼ିକ ଚାଷ କରିଥାନ୍ତି। ଏହି ଦେଶୀ କିସମଗୁଡ଼ିକୁ ଯଦି ଉନ୍ନତ ପ୍ରଣାଳୀରେ ଚାଷ କରାଯାଏ, ତେବେ ଭଲ ଅମଳ ପାଇହେବ। ଚାଷୀମାନେ ନିଜର ବିହନ ସଂଗ୍ରହ କରିବା ବେଳେ କେତେକ ଦିଗପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

୧. ସୁସ୍ଥସବଳ ଗଛଗୁଡ଼ିକୁ ଚୟନକରି ତାହା ମଧ୍ୟରୁ ବିହନ ସଂଗ୍ରହ କରିବା ଦରକାର।
୨. ନିରୋଗ ଗଛରୁ ବିହନ ସଂଗ୍ରହ କରିବା ଦରକାର।
୩. ଏକ ଛୋଟ ଜାଗାରେ ବିହନ ଉତ୍ପାଦନ କଲେ ଉନ୍ନତ ଏବଂ ନିରୋଗ ବିହନ ମିଳିଥାଏ।
୪. ବିହନ ସାଇତିବା ବେଳେ ମଞ୍ଜିରେ ୯-୧୦ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ।
୫. ବିହନକୁ ବାୟୁରୁଦ୍ଧ ଧାତବ କିମ୍ବା ପ୍ଲାଷ୍ଟିକ୍ ପାତ୍ରରେ ସାଇତି ରଖିଲେ ପୋକ ଲାଗେନାହିଁ।

ଆମ ଦେଶର ବିଭିନ୍ନ ରାଜ୍ୟରେ ଚାଷ ହେଉଥିବା କୋଳଥର କେତେକ ଅଧିକ ଅମଳକ୍ଷମ କିସମଗୁଡ଼ିକ ଚାଷୀମାନଙ୍କ ଗୋଚରାର୍ଥେ ନିମ୍ନରେ ପ୍ରଦତ୍ତ କରାଗଲା।

KS-2, Pratap Kulthi (AK-42), Arjia Kulthi (AK-21), Baizu Kulthi, Birsa Kulthi-1, CRHG-01, CRHG-02, CRHG-03, CRHG-04, Dapoli-1, Deepali, Hebbal Hurali-1, Hebbal Hurali-2, HPK-2, KBHG-1, KS-2, Madhu, Maru Kulthi-1, Palem-1, Palem-2, Paiyur-2, PHG-9, GPM-6, CRIDA-1-18R, GHG-5, VL Gahat-8, VL Gahat-10, Indira Kulthi-1 (IKGH01-01)

## ବିହନ ବୁଣା ଓ ଜମି ପ୍ରସ୍ତୁତି

ଆମ କନ୍ଧମାଳ ଜିଲ୍ଲାରେ କୋଳଥ ଚାଷ ପାଇଁ ବିହନ ବୁଣା ଅକ୍ଟୋବରରୁ ନଭେମ୍ବର ମାସ ମଧ୍ୟରେ ସାରିଦେବା ଦରକାର। ବିହନ ବୁଣିବା ପୂର୍ବରୁ ଗୁଣ୍ଡଚାଷ ନକରି ଜମିକୁ ଅତି ବେଶୀରେ ମାତ୍ର ୨ଓଡ଼ ଚାଷ କରି ମଇ ଦେବା ଆବଶ୍ୟକ। ହେକ୍ଟର ପିଛା ୨୫ରୁ ୩୦

କିଗ୍ରା ବିହନକୁ ଧାଡ଼ିରେ ବୁଣିଲେ ଅଧିକ ଅମଳ ମିଳିଥାଏ। ଧାଡ଼ିରୁ ଧାଡ଼ି ୩୦ ସେ.ମି. ଏବଂ ଗଛରୁ ଗଛ ୫-୧୦ ସେ.ମି. ଦୂରତା ରହିଲେ ଗଛ ଭଲ ବଢ଼ିଥାଏ।

## ବିହନ ଉପଚାର

ପ୍ରାରମ୍ଭିକ ଅବସ୍ଥାରେ ମୃତ୍ତିକାସୃଷ୍ଟ ରୋଗଜୀବାଣୁଗୁଡ଼ିକଠାରୁ ଫସଲକୁ ବଞ୍ଚାଇବା ପାଇଁ ୧ କିଗ୍ରା ବିହନକୁ ୨.୫ ଗ୍ରାମ୍ କାର୍ବେଣ୍ଡାଜିମ୍ + ମ୍ୟାଙ୍କୋଜେବ୍ କବକନାଶୀରେ ବିଶୋଧନ କରନ୍ତୁ। କିନ୍ତୁ ଜୈବିକ ଉପାୟ ଚାହୁଁଥିଲେ ପ୍ରତି କିଗ୍ରା ବିହନକୁ ୧୦ ଗ୍ରାମ୍ ଜୈବନିୟନ୍ତ୍ରକ କବକ ଟ୍ରାଇକୋଡର୍ମା ଭିରିଡେ ପାଉଡରରେ ଗୋଳାଇ ବୁଣିବା ଉଚିତ୍। ଏହାଛଡ଼ା ରାଇଜୋବିୟମ ଓ ପି.ଏସ୍.ବି. ମିଶ୍ରିତ ଜୀବାଣୁସାରକୁ ୨୦ ଗ୍ରାମ୍ ପ୍ରତି କିଗ୍ରା ବିହନ ହିସାବରେ ଉପଚାର କଲେ ଅମଳ ବଢ଼ିଥାଏ।

## ଖାଦ୍ୟସାର ଓ ଜଳ ପରିଚାଳନା

କୋଳଥ ଫସଲ ଚାଷରେ ହେକ୍ଟର ପିଛା ୨୦:୪୦:୨୦ କିଗ୍ରା ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାରର ଆବଶ୍ୟକତା ପଡ଼ିଥାଏ। ସମ୍ପୂର୍ଣ୍ଣ ଫସ୍‌ଫରସ୍ ତଥା ଅଧା ଯବକ୍ଷାରଜାନ ଓ ପଟାସ୍ ସାରକୁ ମୂଳସାରରୂପେ ପ୍ରୟୋଗ କରାଯାଏ। ଆଉ ଅଧା ଯବକ୍ଷାରଜାନ ଓ ପଟାସ୍ ସାରକୁ ଗଛ ଉଠିବାର ୨୫-୩୦ ଦିନ ମଧ୍ୟରେ ପ୍ରୟୋଗ କରିବା ଆବଶ୍ୟକ। ଏହା ବ୍ୟତୀତ ରାଇଜୋବିୟମ ଓ ପି.ଏସ୍.ବି. ଜୀବାଣୁସାରକୁ ୨୦ ଗ୍ରାମ୍ ଲେଖାଏଁ ପ୍ରତି କିଗ୍ରା ବିହନରେ ଗୋଳାଇ ବୁଣିବା ଉଚିତ୍।

କୃଷକମାନେ ଯଦିଓ ଏହି ଫସଲକୁ ବିନା ଜଳସେଚନ କରି ଚାଷ କରିଥାନ୍ତି, ତଥାପି ୨ଟି ସେଚନ ଯଥାକ୍ରମେ ଫୁଲ ଧରିବା ପୂର୍ବରୁ ଏବଂ ଛୁଇଁ ହେବା ବେଳକୁ କରାଗଲେ ଅମଳ ଆଶାତୀତରୂପେ ବୃଦ୍ଧି ପାଇଥାଏ।

## ଘାସ ପରିଚାଳନା

ଏହି ଫସଲ ପ୍ରାରମ୍ଭିକ ଅବସ୍ଥାରେ ମାଟିକୁ ଆଚ୍ଛାଦିତ କରିଦେଇଥାଏ, ତେଣୁ ବିହନ ବୁଣିବାର ୩ ଦିନ ମଧ୍ୟରେ ପେଣ୍ଡିମେଥାଲିନ୍ ଘାସମରାକୁ ୨୫୦୦ ମିଲି ପ୍ରତି ୫୦୦ ଲିଟର ପାଣି ହିସାବରେ ଏକ ହେକ୍ଟରରେ ପ୍ରୟୋଗ କରି ବିହନ ବୁଣିବାର ୨୦-୨୫ ଦିନ ପରେ ଗୋଟିଏ ହାତବଛା କଲେ ଚାଷଜମି ଘାସମୁକ୍ତ ରହେ।

## ରୋଗ ଓ କୀଟ ପରିଚାଳନା

ସାଧାରଣତଃ ଏହି ଫସଲରେ ଅନ୍ୟାନ୍ୟ ଡାଲିଜାତୀୟ ଫସଲ ତୁଳନାରେ କମ୍ ରୋଗ ଓ କୀଟ ଲାଗିଥାନ୍ତି, କିନ୍ତୁ ନିୟମିତରୂପେ ଗୋଟିଏ ଫସଲକୁ ଏକ ଜମିରେ ଚାଷ କରୁଥିବାରୁ ବର୍ତ୍ତମାନ କିଛି ରୋଗ ଓ କୀଟ କୋଳଥ ଫସଲକୁ ଆକ୍ରାନ୍ତ କରୁଥିବାର ଦେଖାଯାଉଛି। ନିମ୍ନଲିଖିତ ସାରଣୀରେ କିଛି ପ୍ରମୁଖ ରୋଗ ଓ କୀଟ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଗଲା।

| ରୋଗ ଓ କୀଟର ନାମ | ଲକ୍ଷଣ | ପରିଚାଳନା ପଦ୍ଧତି |
|---|---|---|
| ଜଉ ପୋକ | ଜଉପୋକ ପତ୍ର ଓ ଡାଳରେ ଲାଗି ରହି ଗଛର ରସ ଶୋଷି ନିଅନ୍ତି, ଫଳରେ ପତ୍ରମୋଡା ହେବାସହ ଗଛ ଦୁର୍ବଳ ଓ ରୋଗିଣା ଦିଶେ | ଥାୟୋମେଥୋକ୍‌ଜାମ ୨୫% WG କୁ ୧୬୫ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପିଡ୍ ୧୭.୮% SL କୁ ୧୬୫ ମିଲି କିମ୍ବା ଡିମେଥୋଏଟ ୩୦%SL କୁ ୧୦୦୦ ମିଲି ପ୍ରତି ହେକ୍ଟର ଫସଲରେ ପତ୍ର ସିଞ୍ଚନ କରନ୍ତୁ |
| ପତ୍ରଡିଆଁ ପୋକ ଏବଂ ଧଳାମାଛି | ଏହି ପୋକଗୁଡ଼ିକ ଗଛରୁଗଛ ଉଡ଼ି ବୁଲି ପତ୍ର ଓ ଡାଳ ଉପରେ ବସି ରସ ଶୋଷି ଖାଇଥାନ୍ତି । ଫଳରେ ପତ୍ର ବେରଙ୍ଗ ହୋଇ ଶୁଖିଯାଏ, ଗଛ ଦୁର୍ବଳ ଓ ରୋଗିଣା ହୋଇଯାଏ । | ଥାୟୋମେଥୋକ୍‌ଜାମ ୨୫% WG କୁ ୧୬୫ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପିଡ୍ ୧୭.୮% SL କୁ ୧୬୫ ମିଲି କିମ୍ବା ଡିମେଥୋଏଟ ୩୦%SL କୁ ୧୦୦୦ ମିଲି ପ୍ରତି ହେକ୍ଟର ଫସଲରେ ପତ୍ର ସିଞ୍ଚନ କରନ୍ତୁ |
| ଛୁଇଁବିନ୍ଧା ପୋକ | ଏହି ପୋକ ଛୁଇଁଗୁଡ଼ିକୁ କଣାକରି ଭିତରେ ଥିବା ମଞ୍ଜିଗୁଡ଼ିକୁ ଖାଇଦିଏ | ଏନ୍.ପି.ଭି. ଭୂତାଣୁକୁ ୨୫୦LE କିମ୍ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦% SP କୁ ୮୦୦-୧୦୦୦ ଗ୍ରାମ୍ ପ୍ରତି ହେକ୍ଟର ଫସଲରେ ପତ୍ର ସିଞ୍ଚନ କରନ୍ତୁ |
| ସାହେବୀ ରୋଗ | ଏହି ଭୂତାଣୁଜନିତ ରୋଗ ଧଳାମାଛି ଦ୍ୱାରା ବ୍ୟାପେ ଓ ଏହାର ପ୍ରଭାବରେ ପତ୍ରଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଗଛରେ ଫୁଲଫଳ ଧରେନାହିଁ | ରୋଗାକ୍ରାନ୍ତ ଗଛଗୁଡ଼ିକୁ ତୁରନ୍ତ ଓପାଡ଼ି ନଷ୍ଟ କରିଦିଅନ୍ତୁ ଏବଂ ଧଳାମାଛିର ପରିଚାଳନା ପାଇଁ ଉପରୋକ୍ତ ପଦ୍ଧତି ଅବଲମ୍ବନ କରନ୍ତୁ |
| ଚେରସଢ଼ା ରୋଗ | ଚେର ସଢ଼ିଯାଇ ଗଛ ହଳଦିଆ ପଡ଼େ ଏବଂ ପରେ ସମ୍ପୂର୍ଣ୍ଣ ଝାଉଁଳି ଯାଏ | ବିହନ ବୁଣିବା ପୂର୍ବରୁ କାର୍ବେଣ୍ଡାଜିମ୍ + ମ୍ୟାଙ୍କୋଜେବ ମିଶ୍ରିତ ଔଷଧକୁ ୨ଗ୍ରାମ୍/କିଗ୍ରା କିମ୍ବା ଫିମ୍ପିନାଶକ କବକ ଟ୍ରାଇକୋଡର୍ମା ଭିରିଡେକୁ ୧୦ଗ୍ରା/କିଗ୍ରା ବିହନରେ ଗୋଳାଇ ବିଶୋଧନ କରନ୍ତୁ |



## ଅମଳ ପରବର୍ତ୍ତୀ ଯତ୍ନ

ଡାଲିଜାତୀୟ ଫସଲଗୁଡ଼ିକର ଅମଳ ସମୟରେ ଗଛକୁ ନ ଓପାଡ଼ି କେବଳ ଡାଳଗୁଡ଼ିକୁ କାଟିଆଣିବା ଉଚିତ୍। ଏହା ଫଳରେ ଜମି ଭିତରେ ଚେରଗୁଡ଼ିକ ରହିବ ଏବଂ ଏହି ଚେର ମଧ୍ୟରେ ଥିବା ରାଇଜୋବିୟମ୍ ଜୀବାଣୁ ମାଟିରେ ରହି ଯବକ୍ଷାରଜାନ ନିବନ୍ଧନରେ ସାହାଯ୍ୟ କରିବେ। ଡାଳଲଗା ଛୁଇଁଗୁଡ଼ିକୁ ଖରାରେ ଶୁଖାଇବା ପରେ ଅମଳ କରାଯାଏ ଓ ସଫା ମଞ୍ଜିକୁ ୩-୪ଟି ଖରା ଦେଇ ସାଇତା ହୁଏ। ମଞ୍ଜିରେ କେବଳ ଶତକଡ଼ା ୯ରୁ ୧୦ ଭାଗ ଆର୍ଦ୍ରତା ରହିବା ଆବଶ୍ୟକ। ଉପରଲିଖିତ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି କୋଳଥ ଚାଷକଲେ ଚାଷୀଭାଇମାନେ ହେକ୍ଟର ପ୍ରତି ୬ ରୁ ୭ କ୍ୱିଣ୍ଟାଲ ଶସ୍ୟ ଅମଳ କରିପାରିବେ।

ଅମଳ ପରେ ସଂଗେସଂଗେ ବିକ୍ରି ନକରି କିଛି ଦିନ ସାଇତି ରଖିଲେ ପରବର୍ତ୍ତୀ ସମୟରେ ଡାଲିକୁ ଅଧିକ ବଜାରଦର ମିଳିଥାଏ। କୋଳଥ ଡାଲିକୁ ଭଲଭାବେ ସାଇତି ରଖିବା ପାଇଁ ସାଧାରଣତଃ ନିମ୍ନଲିଖିତ ଉପାୟଗୁଡ଼ିକ ଅବଲମ୍ବନ କରାଯାଇଥାଏ।

୧. ମଞ୍ଜିକୁ ପେଷି ଡାଲି କରିଦେଲେ ଅଧିକ ଦିନ ପର୍ଯ୍ୟନ୍ତ ପୋକ ଲାଗନ୍ତି ନାହିଁ।

୨. ସବୁବେଳେ ମଞ୍ଜିଗୁଡ଼ିକୁ ବାୟୁରୁଦ୍ଧ ଧାତବ ଡବାରେ ସାଇତି ରଖନ୍ତୁ।

୩. ୩ଟି ଆଲୁମିନିୟମ ଫସ୍ଫାଇଡ଼ ଧୂମକ ବଟିକାକୁ ପ୍ରତି ଏକ ଟନ୍ ମଞ୍ଜିରେ ପ୍ରୟୋଗ କଲେ ବହୁଦିନ ପର୍ଯ୍ୟନ୍ତ ପୋକ ଲାଗନ୍ତି ନାହିଁ।

୪. ନିମ୍ବ, କରଞ୍ଜ ଓ ତେଜପତ୍ର ପ୍ରୟୋଗ କରି ବିଭିନ୍ନ ପୋକ ଦାଉରୁ ବିହନଗୁଡ଼ିକୁ ରକ୍ଷା କରାଯାଇ ପାରିବ।

୫. ଶୁଖିଲା ବାଲି ଓ ପାଉଁଶ ସହ ଡାଲିଜାତୀୟ ଶସ୍ୟଗୁଡ଼ିକୁ ଗୋଳାଇ ରଖିଲେ ସହଜରେ ପୋକ ଲାଗନ୍ତିନାହିଁ।

୬. ୧୦ମିଲି ସୋରିଷ ତେଲକୁ ୧କିଗ୍ରା ଶସ୍ୟରେ ଗୋଳାଇ ସାଇତି ରଖିବା ଦ୍ୱାରା ସହଜରେ ପୋକ ଲାଗନ୍ତିନାହିଁ।

## କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳର ପଦକ୍ଷେପ

ଗତ ୨୦୧୯-୨୦ ଆର୍ଥିକ ବର୍ଷର ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ତରଫରୁ ୩୦ ହେକ୍ଟର ପରିମିତ ଜମିରେ କୋଳଥ ଚାଷର ଏକ ଅଗ୍ରଣୀ କ୍ଷେତ୍ରପ୍ରଦର୍ଶନ କରାଯାଇଥିଲା। ଏଥିରେ ୮୩ ଜଣ ହିତାଧିକାରୀ କୃଷକ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ କେନ୍ଦ୍ର ତରଫରୁ ଘାସମରା, ଅଣୁସାର, ଜୀବାଣୁସାର, ବିହନ ବିଶୋଧନ ତଥା ରୋଗପୋକ ପରିଚାଳନା ପାଇଁ ରାସାୟନିକ ଔଷଧ ଯୋଗାଇ ଦିଆଯାଇଥିଲା। କୃଷକମାନେ ସେମାନଙ୍କ ନିଜର ବିହନ ବ୍ୟବହାର କରିଥିଲେ। କେନ୍ଦ୍ରର ବୈଜ୍ଞାନକମାନଙ୍କ ପ୍ରତ୍ୟକ୍ଷ ପରାମର୍ଶକ୍ରମେ ଉପରୋକ୍ତ ପଦ୍ଧତି ଅବଲମ୍ବନ କରି କୋଳଥ ଚାଷରୁ ହିତାଧିକାରୀମାନେ ହାରାହାରି ହେକ୍ଟର ପିଛା ୫.୮ କ୍ୱିଣ୍ଟାଲ ଅମଳ ପାଇପାରିଥିଲେ, ଯାହାକି ପାରମ୍ପାରିକ ପଦ୍ଧତି ଠାରୁ ପ୍ରାୟ୩୮% ଅଧିକ ହୋଇଥିଲା। ଆର୍ଥିକ ଅନୁଶୀଳନରୁ ଏହା ଜଣା ପଡ଼ିଥିଲା ଯେ, ଉନ୍ନତ ପଦ୍ଧତି ଆପଣେଇ କୃଷକମାନେ ହେକ୍ଟର ପ୍ରତି ୬ ହଜାର ଟଙ୍କା ଅଧିକ ଲାଭ କରିପାରିଥିଲେ।

## ଅମଳ ବଢ଼ାଇବା ପାଇଁ କେତେକ ଜାଣିବା କଥା

୧. ଖରାଟିଆ ଗଭୀର ଚାଷ କରିବା ନିତ୍ୟାନ୍ତ ଆବଶ୍ୟକ।
୨. ବିହନ ବୁଣିବା ପୂର୍ବରୁ ଜୈବିକ ଫିମ୍ପିନାଶକ କିମ୍ବା ରାସାୟନିକ ଔଷଧରେ ବିହନ ବିଶୋଧନ ନିହାତି ଜରୁରୀ।
୩. ଅନୁମୋଦିତ ପରିମାଣର ବିହନକୁ ଧାଡ଼ିରେ ବୁଣିଲେ ରୋଗ ଓ ପୋକ କମ୍ ଲାଗନ୍ତି ତଥା ଅମଳ ବୃଦ୍ଧି ପାଏ।
୪. ମାଟି ପରୀକ୍ଷାକରି ଆବଶ୍ୟକ ପରିମାଣର ଏବଂ ସଠିକ୍ ସମୟରେ ସାର ପ୍ରୟୋଗ କରିବା ଦରକାର।
୫. ସଠିକ୍ ସମୟରେ ଅନାବନା ଘାସ ନିୟନ୍ତ୍ରଣ ତଥା ଜଳପରିଚାଳନା କରନ୍ତୁ।
୬. ଫସଲ ସୁରକ୍ଷା ନିମିତ୍ତ ସମନ୍ୱିତ ରୋଗ ଓ ପୋକ ପରିଚାଳନା ପଦ୍ଧତି ଆପଣାନ୍ତୁ।
୭. ବୈଷୟିକ ଜ୍ଞାନକୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ସହ ଯୋଗାଯୋଗ କରନ୍ତୁ।
୮. କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକରୁ ଲାଭ ପାଇବା ପାଇଁ ସ୍ଥାନୀୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।